# NATIONAL NEWS BULLETIN (ODIA)

## 3 June 2026

## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ନିଶାଦ୍ରବ୍ୟ ମାମଲାରେ ବ୍ୟକ୍ତିଗତ ସ୍ୱତନ୍ତ୍ରତା ତୁଳନାରେ ଦେଶର ସାର୍ବଭୌମତ୍ୱକୁ ପ୍ରାଥମିକତା ଦିଆଯିବ, କହିଲେ ସୁପ୍ରିମ୍‌କୋର୍ଟ୍ ।
- ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବାକୁ ଥିବା ସମନ୍ୱିତ ଜନଜାତି ବିକାଶ ଜାତୀୟ ସମ୍ମିଳନୀରେ ଉଦ୍‌ଘାଟନୀ ଅଭିଭାଷଣ ରଖିବେ ରାଷ୍ଟ୍ରପତି ।
- ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀ ରାଷ୍ଟ୍ର ସମୂହର ଦ୍ୱିତୀୟ ବୈଷୟିକ ବୈଠକ ଆଜିଠାରୁ ଆରମ୍ଭ ହେବ ଓଡ଼ିଶାରେ ।
- ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତିଙ୍କ ଆଜିଠାରୁ ୪ ଦିନିଆ ଭାରତ ଗସ୍ତ ଆରମ୍ଭ ।

ଏବଂ

- ୨୦୨୫ ମସିହା ଜାତୀୟ ପଞ୍ଚାୟତ ପୁରସ୍କାର ଆଜି ପ୍ରଦାନ କରାଯିବ ନୂଆଦିଲ୍ଲୀରେ ।

## ସୁପ୍ରିମ୍‌କୋର୍ଟ୍

ନିଶାଦ୍ରବ୍ୟ ମାମଲାରେ ବ୍ୟକ୍ତିଗତ ସ୍ୱତନ୍ତ୍ରତା ତୁଳନାରେ ଦେଶର ସାର୍ବଭୌମତ୍ୱକୁ ପ୍ରାଥମିକତା ଦିଆଯିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ଜେଲରେ ଥାଇ ନିଶାଦ୍ରବ୍ୟ କାରବାର ନେଟ୍‌ୱର୍କ ପରିଚାଳନା କରୁଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ପଞ୍ଜାବ-ହରିଆଣା ହାଇକୋର୍ଟ୍ ପ୍ରଦାନ କରିଥିବା ଜାମିନ୍‌କୁ ଅଗ୍ରାହ୍ୟ କରି ସୁପ୍ରିମ୍‌କୋର୍ଟ୍ ଏହି ରାୟ ଶୁଣାଇଛନ୍ତି । ଅଦାଲତ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପୂର୍ବରୁ ସମାନ ଅପରାଧ ଅଭିଯୋଗରେ ମାମଲା ପଞ୍ଜୀକୃତ ହୋଇଛି । ତେଣୁ ପୁନର୍ବାର ଜାମିନ୍‌ରେ ଆସି ସେହି ବ୍ୟକ୍ତି ପୁଣି ସମାନ ପ୍ରକାର ଅପରାଧ କରିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶ ଦିଆଯାଇଛି ବୋଲି ସୁପ୍ରିମ୍‌କୋର୍ଟ୍ କହିଛନ୍ତି ।

## ଟ୍ରାଇବାଲ୍ ଆଫେୟାର୍ସ-କନ୍‌କ୍ଲେଭ୍

ସମନ୍ୱିତ ଜନଜାତି ବିକାଶ ସଂସ୍ଥା ଓ ପ୍ରକଳ୍ପ ଗୁଡ଼ିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀ ଠାରେ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନୀ ଅଭିଭାଷଣ ରଖିବାର କାର୍ଯ୍ୟକ୍ରମ ରହିଛି । ବର୍ତ୍ତମାନ ଦେଶବ୍ୟାପି ଜାରି ରହିଥିବା

ଜନଜାତୀୟ ଗରିମା ଉତ୍ସବ ୨୦୨୬ର ଅଂଶସ୍ୱରୂପ ଏହି ସମ୍ମିଳନୀ ଆୟୋଜନ କରାଯାଉଛି ।

ଦେଶ ବ୍ୟାପି ଜନଜାତି ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତିଷ୍ଠାନଗୁଡ଼ିର କାର୍ଯ୍ୟଶୈଳୀକୁ ସୁଦୃଢ଼ କରିବା, ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବା ତଥା ଏ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଭିତ୍ତିକ ସେବା ଯୋଗାଇଦେବା ଆଦି ପ୍ରସଙ୍ଗ ଉପରେ ଏହି ସମ୍ମିଳନୀରେ ଆଲୋଚନା କରାଯିବ । ଏହି ଅବସରରେ ରାଷ୍ଟ୍ରପତି ଆଭାସୀ ଜରିଆରେ ବେଙ୍ଗାଲୁରୁ ସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନରେ ଏକ ତାଲିମ୍ ଫାବ୍‌କୁ ଉଦ୍‌ଘାଟନ କରିବେ । ଏହାଛଡ଼ା ଦେଶ ବ୍ୟାପି ବିଭିନ୍ନ ସ୍ଥାନରେ ଥିବା ଏକ ଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଗୁଡ଼ିକରେ ସ୍ଥାପିତ ୭୫ଟି ମହାକାଶ ପରୀକ୍ଷାଗାରକୁ ମଧ ରାଷ୍ଟ୍ରପତି ଆଜି ଆଭାସୀ ମାଧମରେ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରତିନିଧିମାନେ ଯୋଗଦେବେ ।

## ବ୍ରିକ୍ସ ସମ୍ମିଳନୀ

ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀ ରାଷ୍ଟ୍ର ସମୂହର ଦ୍ୱିତୀୟ ବୈଷୟିକ ବୈଠକ ଆଜିଠାରୁ ପୁରୀରେ ଆରମ୍ଭ ହେବ । ବୈଠକରେ ବ୍ରିକ୍ସ ଦେଶଗୁଡ଼ିକର ପ୍ରତିନିଧି ଏବଂ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ

ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ।

ବ୍ରାଜିଲ, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷିଆ, ସାଉଦିଆରବିଆ, ଦକ୍ଷିଣ ଆଫ୍ରିକା, ୟୁଏଇ ଏବଂ ଚୀନ୍ ଆଦି ଦେଶର ପ୍ରତିନିଧିମାନେ ସମ୍ମିଳନୀରେ ଯୋଗଦେବେ। ବାତ୍ୟା ପରିଚାଳନା, ଗୋଷ୍ଠୀ ଭିତ୍ତିକ ପୂର୍ବ ସଚେତନତା ବ୍ୟବସ୍ଥା, ସଫଳ ଉଦ୍ଧାର ଓ ସ୍ଥାନାନ୍ତରଣ କୌଶଳ କ୍ଷେତ୍ରରେ ଓଡ଼ିଶାର ସକ୍ରିୟ ସଫଳତା ଏବଂ ସୁଦୃଢ଼ ପଦକ୍ଷେପ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯିବ।

ଓଡ଼ିଶାରେ ବ୍ରିକ୍ସ ରାଷ୍ଟ୍ର ସମୂହକୁ ନେଇ ଏପରି ଏକ ବୈଷୟିକ ସମ୍ମିଳନୀର ଆୟୋଜନ' ରାଜ୍ୟର ବିପର୍ଯ୍ୟୟ ପରିଚାଳନାରେ କ୍ଷେତ୍ରରେ ସଫଳତାକୁ ବିଶ୍ୱସ୍ତରରେ ଆହୁରି ସମୃଦ୍ଧ କରିବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନୀ ସମାବେଶରେ ଯୋଗଦେବେ ବୋଲି କାର୍ଯ୍ୟସୂଚୀ ରହିଛି। ସମ୍ମିଳନୀ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାରେ ପ୍ରଥମଥର ପାଇଁ ବ୍ରିକ୍ସ ରାଷ୍ଟ୍ର ସମୂହର ସମ୍ମିଳନୀ ଆୟୋଜନ ହେଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଯୋଗ ଦେଉଥିବା ପ୍ରତିନିଧି ଦଳଙ୍କର କୋଣାର୍କ ଗସ୍ତ ଥିବାରୁ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ସମ୍ମିଳନୀ ହେବାକୁ ଥିବା ଅଞ୍ଚଳକୁ ସମ୍ପୂର୍ଣ୍ଣ ସିସିଟିଭି ନଜରରେ ରଖାଯାଇଛି ।

# ସିବିଏସ୍‌ଇ

ବରିଷ୍ଠ ଆଇ.ଏ.ଏସ୍. ଅଧିକାରୀ ଲୋଖାଣ୍ଡେ ପ୍ରଶାନ୍ତ ସୀତାରାମଙ୍କୁ ସରକାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ୍ – ସି.ବି.ଏସ୍.ଇ.ର ନୂତନ ଅଧ୍ୟକ୍ଷ ରୂପେ ନିଯୁକ୍ତ କରିଛନ୍ତି । ଶ୍ରୀ ସୀତାରାମ ବର୍ତ୍ତମାନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରୂପେ ଦାୟିତ୍ୱ ତୁଲାଉଛନ୍ତି । ସି.ବି.ଏସ୍.ଇ.ର ବର୍ତ୍ତମାନର ଅଧ୍ୟକ୍ଷ ରାହୁଲ ସିଂହଙ୍କୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରୂପେ ବଦଳି କରାଯାଇଛି । ଏହାଛଡ଼ା ସରକାର ବରୁଣ ଭରଦ୍ୱାଜଙ୍କୁ ସି.ବି.ଏସ୍.ଇ.ର ନୂତନ ସଚିବ ରୂପେ ନିଯୁକ୍ତି ଦେଇଛନ୍ତି । ସେ ବର୍ତ୍ତମାନ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ରୂପେ କାର୍ଯ୍ୟ କରୁଛନ୍ତି । କେନ୍ଦ୍ର କ୍ୟାବିନେଟ୍‌ର ନିଯୁକ୍ତି କମିଟି ପକ୍ଷରୁ ଏହି ନିଯୁକ୍ତିଗୁଡ଼ିକୁ ଅନୁମୋଦନ କରାଯାଇଛି ।

## ଓଏସ୍‌ଏମ୍-ସିବିଏସ୍‌ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ସି.ବି.ଏସ୍.ଇ.ର ଅନ୍‌ସ୍କ୍ରିନ୍ ମାର୍କିଂ – ଓ.ଏସ୍.ଏମ୍. ବ୍ୟବସ୍ଥାରେ ଅଭିଯୋଗ ହୋଇଥିବା ତ୍ରୁଟି ସମ୍ପର୍କରେ ତଦନ୍ତ କରିବା ଲାଗି କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି । କ୍ଷମତା ନିର୍ମାଣ ଆୟୋଗର ଅଧ୍ୟକ୍ଷ ଏସ୍. ରାଧା ଚୌହାନ ଏହି ଏକକ କମିଟିର ମୁଖ୍ୟ ଅଛନ୍ତି । ଆଗାମୀ ଏକମାସ ମଧ୍ୟରେ କମିଟି ନିଜ ରିପୋର୍ଟ୍ କେନ୍ଦ୍ର କାର୍ମିକ ଓ ତାଲିମ୍ ବିଭାଗକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଭେନେଜୁଏଲା ପ୍ରେଜ୍ ଭିଜିଟ୍

ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗୁଏଜ୍ ଆଜିଠାରୁ ୪ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ତାଙ୍କ ସହିତ ଭେନେଜୁଏଲାର ବୈଦେଶିକ ମନ୍ତ୍ରୀ, ଅର୍ଥମନ୍ତ୍ରୀ ଏବଂ ବିଜ୍ଞାନ-ବୈଷୟିକ ଜ୍ଞାନକୌଶଳ ବ୍ୟକ୍ତିମାନଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ଭାରତ ଆସିବେ । ଗତକାଲି ନୂଆଦିଲ୍ଲୀଠାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ଗସ୍ତ ଅବସରରେ ଶ୍ରୀମତୀ ରୋଡ୍ରିଗୁଏଜ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷିୟ ବୈଠକ କରିବେ । ବିଶେଷ କରି ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି,

ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟସେବା ଏବଂ ଔଷଧ ଆଦି କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ପ୍ରସଙ୍ଗ ଉପରେ ଏହି ବୈଠକରେ ଆଲୋଚନା କରାଯିବ ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଭାରତର ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକ ଭେନେଜୁଏଲାର ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ପୁଞ୍ଜିନିବେଶ କରିଛନ୍ତି । ରାଷ୍ଟ୍ରପତି ରୋଡ୍ରିଗୁଏଜ୍‌ଙ୍କର ଏହି ଗସ୍ତ ଅବସରରେ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ଭାଗିଦାରି ଏବଂ ଦ୍ୱିପକ୍ଷିୟ ସମ୍ପର୍କ ଅଧିକ ସଶକ୍ତ ହୋଇପାରିବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି ।

## ନ୍ୟାସନାଲ ପଞ୍ଚାୟତ ଆୱାର୍ଡ

୨୦୨୫ ମସିହା ପାଇଁ ଜାତୀୟ ପଞ୍ଚାୟତ ପୁରସ୍କାର ଆଜି ନୂଆଦିଲ୍ଲୀରେ ପ୍ରଦାନ କରାଯିବ । ଏହି ଅବସରରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଞ୍ଚାୟତ ରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏହି ପୁରସ୍କାର ପ୍ରଦାନ କରିବେ। ଦେଶର ୪୨ଟି ପଞ୍ଚାୟତକୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ଦିଆଯିବ । ସମାରୋହରେ ୩୪ଟି ଗ୍ରାମପଞ୍ଚାୟତକୁ ଦୀନ୍‌ଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ଏବଂ ୮ଟି ପଞ୍ଚାୟତକୁ ନାନାଜୀ ଦେଶମୁଖ ସର୍ବୋତ୍ତମ

ପଞ୍ଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ପୁରସ୍କୃତ କରାଯିବ । ପୁରସ୍କାର ପାଇବାକୁ ଥିବା ପଞ୍ଚାୟତଗୁଡ଼ିକର ମୁଖ୍ୟମାନେ ସେମାନଙ୍କ ପଞ୍ଚାୟତର ସର୍ବୋତ୍ତମ କାର୍ଯ୍ୟ ବିଷୟରେ ସମାରୋହରେ ଉପସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

## ଗୁଜରାଟ-ଆକ୍ସିଡେଣ୍ଟ

ଗୁଜରାଟର ସୁରତ ଠାରେ ଏକ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ଏହି ଦୁର୍ଘଟଣାରେ ଆହତ ହୋଇଥିବା ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ସୁରତର ବର୍ଦୋଲି ସହର ନିକଟରେ ମହାରାଷ୍ଟ୍ର ରାଜ୍ୟ ସଡ଼କ ପରିବହନ ନିଗମର ଦୁଇଟି ବସ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଛି ବୋଲି ସୂଚନା ମିଳିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁରତର ଏହି ଦୁର୍ଘଟଣାରେ ୮ ଜଣଙ୍କର ଜୀବନହାନୀ ହୋଇଥିବାରୁ ଦୁଃଖ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହିତ ଆହତଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି ।

ଉପରାଷ୍ଟ୍ରପତି ଏହି ବିପଦ ସମୟରେ ମୃତକଙ୍କ ପରିବାରବର୍ଗଙ୍କୁ ସାହସ ଓ ଶକ୍ତି ଦେବାକୁ ପ୍ରାର୍ଥନା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଦୁର୍ଘଟଣାରେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

ସେ କହିଛନ୍ତି, ଦୁର୍ଘଟଣା ସ୍ଥଳରେ ପ୍ରଭାବିତ ବ୍ୟକ୍ତିମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି । ଏହାଛଡ଼ା ମୃତକଙ୍କ ପରିବାରବର୍ଗ ଲାଗି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ଶ୍ରୀ ମୋଦୀ ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

## ଇଣ୍ଡିଆ-ଜର୍ମାନ ଟ୍ରାଞ୍ଜିଟ୍ ଭିସା

ଆକାଶମାର୍ଗରେ ଜର୍ମାନ ପଥ ଦେଇ ଯାତ୍ରା କରୁଥିବା ଭାରତୀୟ ନାଗରୀକଙ୍କ ଲାଗି ଆଜିଠାରୁ ଆଉ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ନାହିଁ । ଜର୍ମାନ ସରକାରଙ୍କ ଏହି ନିଷ୍ପତ୍ତିକୁ ଭାରତ ସ୍ୱାଗତ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ନୂତନ ବ୍ୟବସ୍ଥା ଦ୍ୱାରା ଭାରତ-ଜର୍ମାନ ମଧ୍ୟରେ ଜନସମ୍ପର୍କ ଅଧିକ ସୁଦୃଢ଼ ହୋଇପାରିବ । ଜର୍ମାନର ଚାନ୍ସେଲର ଫେଡ୍ରିଚ୍ ମର୍ଜ୍‌ଙ୍କର ଗତ ଜାନୁଆରୀ ମାସରେ ଭାରତ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଆଲୋଚନା ପରେ ଏହି ଘୋଷଣା କରାଯାଇଥିଲା ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।

# ଜୟଶଙ୍କର-ରହେମାନ

ବାଂଲାଦେଶର ବୈଦେଶିକ ମନ୍ତ୍ରୀ ଡକ୍ଟର ଖାଲିଲୁର୍ ରହେମାନ ମିଳିତ ଜାତିସଂଘ ସାଧାରଣ ସଭାର ୮୧ତମ ଅଧିବେଶନର ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ  ତାଙ୍କର ଭାରତୀୟ ପ୍ରତିପକ୍ଷ ଡକ୍ଟର ଏସ୍. ଜୟଶଙ୍କର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ବିବିଧ କ୍ଷେତ୍ରରେ ଭାରତ ଓ ବାଂଲାଦେଶ ମଧ୍ୟରେ ଜାରି ରହିଥିବା ସହଯୋଗକୁ ଅଧିକ ସଶକ୍ତ କରାଯିବ । ଏଥିସହିତ ଦ୍ୱିପକ୍ଷିୟ ଭାଗିଦାରୀ ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ଆଗେଇ ନେବା ଦିଗରେ ଡକ୍ଟର ରହେମାନଙ୍କ ସହିତ ମିଳିତ ପ୍ରୟାସ କରିବା ଲାଗି ସେ ଆଗ୍ରହୀ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

# କ୍ରିକେଟ୍

ମହିଳା କ୍ରିକେଟ୍‌ରେ ଗତକାଲି ଟାଉନ୍‌ଟନ୍‌ଠାରେ ଅନୁଷ୍ଠିତ ତୃତୀୟ ତଥା ଚୂଡ଼ାନ୍ତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍‌ରେ ଇଂଲଣ୍ଡ’ ଭାରତକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ଏଥିସହିତ ଏହି ତିନି ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍‌ରେ ଇଂଲଣ୍ଡ ୨-୧ରେ ବିଜୟୀ ହୋଇଛି । ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଭାରତୀୟ ମହିଳା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ

୧୮୦ରନ୍ କରିଥିଲା । ୧୮୧ରନ୍ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ୧୮ ଓଭର ୩ଟି ବଲ୍‌ରେ ୪ ୱିକେଟ୍ ହରାଇ ୧୮୪ରନ୍ ସଂଗ୍ରହ କରିଥିଲା । ଇଂଲଣ୍ଡର ଆଲାଇସ୍ କ୍ୟାପ୍‌ସେ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।